# ଆଦିବାସୀ ମେଳା-୨୦୧୭

## ଦେଶୀ ଜିନିଷର ଚାହିଦା

ଭୁବନେଶ୍ୱର ତା ୩/୨/୨୦୧୭

ୟୁନିଟ୍-୧ ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳା ଆଜି ନବମ ଦିନରେ ପହଞ୍ଚିଛି । ପ୍ରତ୍ୟହ ଆଦିବାସୀ ମେଳା ଦିନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲୁଛି । ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦେଖିବା ସହିତ ଲୋକମାନେ ଆଦିବାସୀ ହାଟରୁ ମୌଳିକ ଗୁଣବତ୍ତା ଯୁକ୍ତ ଦେଶୀ ଜିନିଷ ଖରିଦ୍ କରୁଛନ୍ତି । (ଏକା ଜିନିଷର ଭିନ୍ନ ଭିନ୍ନ ଦାମ୍ ଲୋକମାନଙ୍କୁ ବେଳେ ବେଳେ ଅଡୁଆରେ ପକାଉଛି) ଆଦିବାସୀ ଅଂଚଳରୁ ଆସିଥିବା ବନଜାତ ଦ୍ରବ୍ୟ ପ୍ରତି ଲୋକମାନଙ୍କର ଯେଉଁ ଅହେତୁକ ଆଗ୍ରହ ତାହା ଏବେ ବି ଅକ୍ଷୁଣ୍ଣ ରହିଚି । ମେଳାରେ ମିଳୁଥିବା ଚାଷ ପାଲୁଅ ୧୨୦ଟଙ୍କାରୁ ଆରମ୍ଭ କରି ୧୮୦ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରି ହେଉଛି । ପାଲୁଅ ସାଧାରଣତଃ ୨ ପ୍ରକାର । ଚାଷ ପାଲଅ ଓ ପାହାଡ଼ୀ ପାଲୁଅ । ଅସଲ ପାହାଡ଼ୀ ପାଲୁଅର କିଗ୍ରା ପ୍ରତି ଦର ଛଅ ଶହରୁ ସାତଶହ ଟଙ୍କା । ଏହି ଉତ୍ତମ ମାନର ପାଲୁଅ ମେଳାରେ ମିଳୁନାହିଁ । ମୟୁରଭଞ୍ଜରୁ ଆସିଥିବା ବାଥୁଡ଼ି ସଂପ୍ରଦାୟର ମହିଳା ମଂଜୁଳା ନାୟକଙ୍କ ମତରେ କେହି ଗ୍ରାହକ ଆମକୁ ବରାଦ ଦେଲେ ଆମେ ତାଙ୍କୁ କିଗ୍ରା ପ୍ରତି ୬୦୦ରୁ ୭୦୦ଟଙ୍କା ମଧ୍ୟରେ ପାହାଡ଼ୀ ପାଲୁଅ ଯୋଗାଇ ଦେଉଛୁ । ପାଲୁଅ ଏକ ରୂପାନ୍ତରୀତ କାଣ୍ଡ ଅଥବା ମୂଳା ଜାତୀୟ ଦ୍ରବ୍ୟ । ଗଛ ଲଗାଇବାର ତିନିରୁ ଚାରି ମାସ ମଧ୍ୟରେ ଏହାକୁ ଉତ୍ପାଦନ କରିବାକୁ ହୁଏ । ପାଲୁଅ ଗଛକୁ ଓପାଡ଼ି ତାର ମୂଳକୁ ଘୋରି ପାଲୁଳ ପ୍ରସ୍ତୁତ କରାଯାଏ । ପାଲୁଅ ଖଣ୍ଡକୁ ଶିଳରେ ଘୋରି ତାର ରସକୁ ଗୋଟିଏ ହାଣ୍ଡି ମୁହଁରେ କପଡ଼ା ବାନ୍ଧି ସଂଗ୍ରହ କରାଯାଏ । ହାଣ୍ଡିରେ ସଂଗୃହୀତ ରସକୁ ଗୋଟିଏ କପଡ଼ାରେ ଢାଳି ପ୍ରାୟ ୮ ଦିନ ଖରାରେ ଶୁଖାଇବା ପରେ ପାଲୁଅ ପ୍ରସ୍ତୁତ ହୋଇଯାଏ । ପାଲୁଅ କ୍ଷିରୀ ବେଶ୍ ସ୍ୱାସ୍ଥ୍ୟକର । ଏହି କ୍ଷିରୀ ଖାଇଲେ ପେଟ ଥଣ୍ଡା ରୁହେ । ପେଟ ଗରମ ଦୂର ହୁଏ । ତରଳ ଝାଡ଼ା ହେଉଥିଲେ ତାହା ଭଲ ହୋଇଯାଏ । ଦ୍ରବ୍ୟ

ମୂଲ୍ୟରେ ଏହି ଭିନ୍ନତା ସଂଗୃହୀତ ଦ୍ରବ୍ୟର ଗୁଣବତ୍ତା ଉପରେ ଆଧାରିତ । ପାଲୁଅ ପରି ମହୁ ଦରରେ ମଧ୍ୟ ବିଶେଷ ପାର୍ଥକ୍ୟ ଦେଖାଯାଉଛି । ଅମୃତ ମହୁର କିଗ୍ରା ପ୍ରତି ମୂଲ୍ୟ ୬୬୦ଟଙ୍କା । ଏହାର କାରଣ ହେଲା ସେହି ମହୁର ସ୍ୱତନ୍ତ୍ର ଗୁଣବତ୍ତା । ନିମ୍ବ ମହୁ, ଜାମୁ ମହୁ, ପଦ୍ମ ମହୁ ଏମିତି ନାନା ରକମର ମହୁର ମୂଲ୍ୟରେ ଭିନ୍ନତା ରହିବା ସ୍ୱାଭାବିକ ।

ଆଜି ନବମ ଦିନ ସନ୍ଧ୍ୟାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ସାଂସ୍କୃତିକ ପରିଷଦ ତରଫରୁ – "କଥା କହୁ କହୁ କାହାଣୀ ସରେ" ସାମାଜିକ ନାଟକ ପ୍ରଦର୍ଶିତ ହୋଇ ଦର୍ଶକମାନଙ୍କୁ ଭରପୂର ଆନନ୍ଦର ଖୋରାକ୍ ଯୋଗାଇଥିଲା । ନାଟ୍ୟ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ବିଶିଷ୍ଟ କଳାକାର- ସନ୍ତୋଷ ମହାନ୍ତି, ସଙ୍ଗୀତ ତାପସ ଦାସ ।

ଏହି ଆଦିବାସୀ ମେଳା ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ଚାଲିବ ।